## ପ୍ରଧାନଶିକ୍ଷକ ଜେଲ୍ ଯିବା ଘଟଣା

# ସ୍କୁଲ୍ ବର୍ଜନ କଲେ ଛାତ୍ରଛାତ୍ରୀ, ବିଇଓ ଅଫିସ ଘେରଉ

ନିଶ୍ଚିନ୍ତକୋଇଲି,୨।୨(ସମିସ):

ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ଗୋପୀନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ

### ଦୁଇ ଶିକ୍ଷୟିତ୍ରୀଙ୍କ ବଦଳି ଓ ପ୍ରଧାନଶିକ୍ଷକଙ୍କ ପ୍ରତ୍ୟାବର୍ତ୍ତନ ଦାବିରେ ଅଟଳ ଅଭିଭାବକ

ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ନିର୍ଦ୍ଦୋଷ ପ୍ରଧାନଶିକ୍ଷକଙ୍କୁ ଷଡ଼ଯନ୍ତ୍ର କରି ଫସାଯାଇଥିବା ଏବଂ ଜେଲ ପଠାଯାଇଥିବା ଅଭିଯୋଗ କରି ସୋମବାର ଜଣେ ହେଲେ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିନାହାନ୍ତି। ବିଦ୍ୟାଳୟରେ ଶିଶୁ ବାଟିକାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୯୧ ଜଣ ପିଲା ପଢୁଥିବା ବେଳେ ଅଭିଭାବକମାନେ ଏକଜୁଟ ହୋଇ ସେମାନଙ୍କ ପିଲାଙ୍କୁ ସ୍କୁଲ ପଠାଇବାକୁ ମନା କରିଦେଇଛନ୍ତି। ଅଧିକାରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ସମାଧାନ ନ ହେବାରୁ ଶତାଧିକ ଅଭିଭାବକ ବିଇଓ କାର୍ଯ୍ୟାଳୟ ଘେରଉ କରିବା ସହ ପ୍ରାୟ ଏକ ଘଣ୍ଟା ଧରି ହୋ-ହଲ୍ଲା କରିଥିଲେ। ସେମାନଙ୍କର ମୁଖ୍ୟ ଦାବି ହେଉଛି କାର୍ଯ୍ୟରତ ଦୁଇ ଜଣ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବଦଳି କରାଯାଉ ଏବଂ ଜେଲ ଯାଇଥିବା ପ୍ରଧାନଶିକ୍ଷକଙ୍କ ଘଟଣାର ଉପଯୁକ୍ତ ତଦନ୍ତ କରି ତାଙ୍କୁ ନ୍ୟାୟ ପ୍ରଦାନ ପୂର୍ବକ ପୁନର୍ବାର ବିଦ୍ୟାଳୟକୁ ଫେରାଇ ଅଣାଯାଉ। ଅଭିଭାବକମାନେ କଡ଼ା ଚେତାବନୀ ଦେଇଛନ୍ତି ଯେ, ଯେ ପର୍ଯ୍ୟନ୍ତ ପ୍ରଧାନଶିକ୍ଷକ ଫେରିନାହାନ୍ତି, ସେ ପର୍ଯ୍ୟନ୍ତ କୌଣସି ଛାତ୍ରଛାତ୍ରୀ ସ୍କୁଲ ଯିବେ ନାହିଁ। ମଣ୍ଡଳ ଶିକ୍ଷାଅଧିକାରୀଙ୍କ ଅପାରଗତା ଯୋଗୁଁ ବିଦ୍ୟାଳୟରେ ଦୀର୍ଘ ଦିନରୁ ଲାଗି ରହିଥିବା ଦ୍ୱନ୍ଦ୍ୱ ଉଗ୍ର ରୂପ ନେଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବିଇଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା ସହ ସ୍ପଷ୍ଟ କରାଯାଇଛି ଯେ, ଯଦି ଏକ ସପ୍ତାହ ମଧ୍ୟରେ ଏହାର ସମାଧାନ ନ ହୁଏ, ତେବେ ଆନ୍ଦୋଳନ ରାଜରାସ୍ତାକୁ ଓହ୍ଲାଇବ ଏବଂ ଅଭିଭାବକମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ।




## ଶିକ୍ଷକ ସମସ୍ୟାରେ କରଡ଼ିବନ୍ଧ ପ୍ରାଥମିକ ବିଦ୍ୟାଳୟ

# ରାସ୍ତାରେ ବସିଲେ ଛାତ୍ରଛାତ୍ରୀ



ବଡମ୍ବା,୨।୨(ସମିସ): ବଡ଼ମ୍ବା ଶିକ୍ଷା ମଣ୍ଡଳ ଅଧୀନ କରଡ଼ିବନ୍ଧ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନ ଥିବା କାରଣରୁ ସୋମବାର ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରାସ୍ତାରେ ବସି ପ୍ରତିବାଦ କରିଛନ୍ତି। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୫ଟି ଶ୍ରେଣୀକୁ ୩ ଶିକ୍ଷକରେ ବିଦ୍ୟାଳୟ ଚାଲିଛି। ମାତ୍ର ବିଦ୍ୟାଳୟରେ ଥିବା ୩ ଜଣ ଶିକ୍ଷକ ମଧ୍ୟରୁ ଜଣେ ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ଡେପୁଟେସନରେ ପଠାଇବା ଅଭିଯୋଗରେ ସୋମବାର ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ତାଲା ପକାଇ କରଡ଼ିବନ୍ଧ ଭଟ୍ଟାରିକାର ମୁଖ୍ୟ ରାସ୍ତାରେ ଧାରଣାରେ ବସିଥିଲେ। ଫଳରେ ଏହି ରାସ୍ତାରେ ଯାତାୟତ ଠପ ହୋଇଥିଲା। କିଛି ସମୟ ପରେ ଖବର ପାଇ ମଣ୍ଡଳ ଶିକ୍ଷା ଅଧିକାରୀ ତ୍ରିଲୋଚନ ଜେନା ଓ ଥାନା ଅଧିକାରୀ ପରମାନନ୍ଦ ନାୟକ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ବୁଝା ସୁଝା କରିଥିଲେ। କିନ୍ତୁ ପିଲାମାନେ ତାଙ୍କ ଦାବିକୁ ନେଇ ଧାରଣାରେ ବସି ରହିଥିଲେ। ଖବର ପାଇ କରଡ଼ିବନ୍ଧ ସରପଞ୍ଚ ସନ୍ତୋଷ ମହାନ୍ତି ଓ ଗ୍ରାମର ବରିଷ୍ଠ ବୁଦ୍ଧିଜୀବିମାନେ ପହଞ୍ଚି ବୁଝାସୁଝା କରି ଏଥି ନେଇ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ସହ କଥା ହେବା ପରେ ମଣ୍ଡଳ ଶିକ୍ଷା ଅଧିକାରୀ ଆଗାମୀ ୭ ଦିନ ଭିତରେ ଏହାର ସମାଧାନ କରିବାର ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ପିଲାମାନେ ଉଠିଥିଲେ।

# ବିଧାୟକ ସମର୍ଥକଙ୍କ ଆତଙ୍କରାଜ



### ଦାଦାବଟି ଆଦାୟକୁ ନେଇ ସୁପରଭାଇଜରଙ୍କ ଉପରେ ମରଣାନ୍ତକ ଆକ୍ରମଣ

ଭଦ୍ରେଶ୍ୱର,୨।୨(ସମିସ): ମାହାଙ୍ଗା ବିଧାୟକ ସମର୍ଥକଙ୍କ ଆତଙ୍କରାଜକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ମାହାଙ୍ଗା ବ୍ଲକର ଚାହାପଡା ଠାରେ ଦାଦାବଟିକୁ କେନ୍ଦ୍ରକରି ବିଧାୟକଙ୍କ ସମର୍ଥକମାନେ ଜଣେ ଠିକାଦାରଙ୍କ ସୁପରଭାଇଜରଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବାର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏହି ଅଭିଯୋଗ ଉପରେ ନାମକୁ ମାତ୍ର ମାମଲା ରୁଜୁ କରି ହାତ ବାନ୍ଧି ବସିଥିବାର ଅଭିଯୋଗ ହୋଇଛି। ପୁଲିସ ରାଜନୈତିକ ଚାପରେ ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବାର ଅଭିଯୋଗ ହୋଇଛି। ଚାହାପଡା ପଞ୍ଚାୟତର ବାରବାଟି ମୁହାଣରେ ଡ୍ରେନେଜ ଖନନ କାର୍ଯ୍ୟ ଚାଲୁଥିଲା। ଏହି କାର୍ଯ୍ୟ ଚାଲୁଥିବା ସମୟରେ ଚାହାପଡା ଅଞ୍ଚଳର କିଛି ଅସାମାଜିକ ଲୋକ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ସୁପରଭାଇଜର ବେଣୁଧର ନାୟକଙ୍କ ଉପରେ ଦାଦାବଟି ଆଦାୟକୁ ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ବେଣୁଧର ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମାହାଙ୍ଗା ଥାନା ପୁଲିସ କେସ ନଂ ୩୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା ବେଳେ ଆକ୍ରମଣକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଭିଯୋଗରୁ ଜଣାପଡିଛି ଯେ ଚାହାପଡା ଗ୍ରାମର ମନୋଜ ବାରିକ ଓରଫ ମୁନା, ବୀର କିଶୋର ସ୍ୱାଇଁ ଓରଫ ବୀର, ସରୋଜ ଜେନା, ଅନନ୍ତ କିଶୋର ପହଡା ଓରଫ ବାୟା, ବରଦିଆ ଗ୍ରାମର ପ୍ରକାଶ ସେଠୀ, ମୁରଲୀଧର ସେଠୀ ଏବଂ ଅନ୍ୟକିଛି ଲୋକ ହାତରେ ମାରଣାସ୍ତ୍ର ଧରି ସୁପରଭାଇଜରଙ୍କୁ ଦେଢ଼ ଲକ୍ଷ ଟଙ୍କା ଦାଦାବଟି ଦାବି କରିଥିଲେ। ସୁପରଭାଇଜର ଜଣକ ଠିକାଦାରଙ୍କୁ ଫୋନ କରି ଜଣାଇଥିଲେ। ହେଲେ ଦାଦାବଟି ମାଗୁଥିବା ବ୍ୟକ୍ତିମାନେ କାର୍ଯ୍ୟରତ ଜେସିବି ମେସିନ୍‌କୁ ପୋଡିବା ନିମନ୍ତେ ଉଦ୍ୟମ କରୁଥିଲା ବେଳେ ସୁପରଭାଇଜର ବାଧା ଦେବାରୁ ତାଙ୍କୁ ଆକ୍ରମଣ କରାଯାଇଥିଲା ଯାହାକି ଏଫ୍‌ଆଇଆର୍ କପିରେ ଉଲ୍ଲେଖ କରାଯାଇଛି। ଅଭିଯୁକ୍ତମାନେ ମାହାଙ୍ଗା ବିଧାୟକଙ୍କ ଏକାନ୍ତ ଅନୁଗତ ହୋଇଥିବାରୁ ପୁଲିସ ଗିରଫ କରୁ ନ ଥିବାର ଅଭିଯୋଗ ହୋଇଛି।

# ଗଛ କାଟିବା ବେଳେ ଚାଲିଗଲା ଯୁବକଙ୍କ ଜୀବନ

ନରସିଂହପୁର,୨।୨(ସମିସ): ରବିବାର ବିଳମ୍ବିତ ରାତିରେ ନରସିଂହପୁର ବ୍ଲକ ଅନ୍ତର୍ଗତ ଓଡିଶିଙ୍ଗା ଗ୍ରାମର ଜୈନିକ ବ୍ୟକ୍ତିଙ୍କ ବାରି ପାଖରେ ଥିବା ଗଛ କାଟୁଥିବା ସମୟରେ ଜଣେ ଯୁବକ ଗଛରୁ ପଡି ମୃତ୍ୟୁବରଣ କରିଛନ୍ତି। ମୃତବ୍ୟକ୍ତି ଜଣଙ୍କ କାନପୁର ଥାନା ଅନ୍ତର୍ଗତ ଚମ୍ପେଶ୍ୱର ଗ୍ରାମର ବୈକୁଣ୍ଠ ନାଥ ଦାସ ବୋଲି ଜଣାପଡିଛି। ଖବର ପାଇ ଜିଲିଣ୍ଡା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଦିଲୀପ କାଣ୍ଡିଙ୍କ ସୂଚନାରୁ ପ୍ରକାଶ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

● କାର୍ଯ୍ୟାନୁଷ୍ଠାନ ନେଉନାହିଁ ପୁଲିସ

ଭଦ୍ରେଶ୍ୱର,୨।୨(ସମିସ): ମାହାଙ୍ଗା ବ୍ଲକ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ କର୍ମଚାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିବାର ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ କର୍ମଚାରୀ ମହଲରେ ଉତ୍ତେଜନା ଓ ଅସନ୍ତୋଷ ପ୍ରକାଶ ପାଇଛି। ସାଲେପୁର ଥାନା ରାଇସୁଙ୍ଗୁଡା ଗ୍ରାମର କିଶୋର ଚନ୍ଦ୍ର ମହାନ୍ତିଙ୍କ ପୁତ୍ର ରଞ୍ଜିତ ମହାନ୍ତି କୁମୁଡା-ଜୟପୁରସ୍ଥିତ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାବ୍ରୋଟୋରୀ ଟେକ୍ନିସିଆନ ଭାବେ କାର୍ଯ୍ୟରତ ଅଛନ୍ତି। ଆଜି ମଧୁପୁର ଗ୍ରାମର ନିହାର ରଞ୍ଜନ ସାହାଣି ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସିତ ହେବା ନିମନ୍ତେ ଆସିଥିଲେ। ସାଙ୍ଗରେ ତାଙ୍କର ମାଆ, ଜେଜେ ଓ ଦାଦା ଥିଲେ। ନିହାର ରୋଗୀଙ୍କ ଶଯ୍ୟା ନିକଟରେ କାଳେ ମେଡିକାଲ କର୍ମଚାରୀଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ମାରଧର କରିଥିଲେ। କର୍ମଚାରୀ ଜ୍ୟୋତିସ୍ମିତା ଜେନା ଡାକ ପକାଇବାରୁ ସେ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିହାର ଉପସ୍ଥିତ ଥିବା ୱାର୍ଡ ଆଟେଣ୍ଡାଣ୍ଟ ସୁକାନ୍ତ ବେହେରାଙ୍କୁ କଲର ଧରି ବିଧା ଗୋଇଠା ମାରୁଥିଲେ। ତେବେ ରଞ୍ଜିତ ତାଙ୍କୁ ଛଡାଇବାକୁ ଚେଷ୍ଟା କରୁଥିଲା ବେଳେ ୧୦-୧୨ଜଣ ବ୍ୟକ୍ତି ତାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିବାର ଅଭିଯୋଗ ହୋଇଛି। ସେମାନଙ୍କ ଆକ୍ରମଣରେ ରଞ୍ଜିତ ଗୁରୁତର ଭାବେ ଆହତ ହୋଇଛନ୍ତି। ଏପରିକି ସମ୍ପୃକ୍ତ ଯୁବକମାନେ ଗାଳି ଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବାର ରଞ୍ଜିତ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଲୋକେ ରଞ୍ଜିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ନିମନ୍ତେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

■ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

# ସନ୍‌ଲାଇଟକୁ ହରାଇ ରଗଡ଼ିସାହି ଚାମ୍ପିଅନ

ଟାଙ୍ଗୀ,୨।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ସଫା ପଞ୍ଚାୟତ ଅଭୟପୁର ଗ୍ରାମରେ ଏମବିଏ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ହେଉଥିବା ୪ ଦିନିଆ ରାଜ୍ୟସ୍ତରୀୟ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। କ୍ଲବ ସଭାପତି ଜିତେନ୍ଦ୍ର କୁମାର ବଦ୍ରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ପ୍ରତିଯୋଗିତାରେ ପ୍ରଥମ ଆରବି ଏଫସି, ଦ୍ୱିତୀୟ ସନଲାଇଟ ଏଫସି, ତୃତୀୟ ବୁଢାକେନ୍ଦୁଆ ଏଫସି ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେରେଣା ଏଫସିକୁ ଆର୍ଥିକ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ଗରୁଡ଼ଗାଁ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, କରଞ୍ଜି ସରପଞ୍ଚ ମହେଶ୍ୱର ମହାନ୍ତ, ସାମାଜିକ କର୍ମୀ ରକ୍ଷ୍ୟାନନ୍ଦ ସ୍ୱାଇଁ ଓ ଗୋଲାପ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।



# ‘ମୋ ଭାରତ ମୋ ଭୋଟ’ ସଚେତନତା ପଦଯାତ୍ରା

ଟାଙ୍ଗୀ,୨।୨(ସମିସ): ଭାରତ ସରକାରଙ୍କ ମାଇଁ ଭାରତ ଆନୁକୂଲ୍ୟରେ ଭଗତପୁର ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଜାତୀୟ ମତଦାତା ଦିବସ ଅବସରରେ ଏକ ପଦଯାତ୍ରା ସହ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରାଙ୍କ ପୌରହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଅନୀଲ କୁମାର ବେହେରା, ସମ୍ମାନିତ ଅତିଥିଭାବେ ବିଜୟଲକ୍ଷ୍ମୀ ସାହୁ, ଲକ୍ଷ୍ମୀଧର ସାହୁ ଓ ସମାଜସେବୀ ରକ୍ଷ୍ୟାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ମୋ ଭୋଟ ମୋ ଅଧିକାର କାର୍ଯ୍ୟକ୍ରମରେ ଯୁବଗୋଷ୍ଠୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ସଚେତନତା ପଦଯାତ୍ରା କରାଯାଇ ଶପଥ ପାଠ କରାଯାଇଥିଲା। ଶେଷରେ ହରେକୃଷ୍ଣ ନାଥ ଧନ୍ୟବାଦ ଦେଇଥିଲେ। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।




■ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଟାଙ୍ଗୀକୁ ହରାଇ ଆଠଗଡ଼ ଖୁଣ୍ଟକଟା ଚାମ୍ପିଅନ




ନରସିଂହପୁର,୨।୨(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କାନପୁର ଆଞ୍ଚଳିକ ଆଥଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଟାଙ୍ଗୀକୁ ହରାଇ ଆଠଗଡ ଖୁଣ୍ଟକଟା ଚାମ୍ପିଅନ ହୋଇଛି। ପ୍ରଥମାର୍ଦ୍ଧରେ ଆଠଗଡ ଖୁଣ୍ଟକଟା ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧର ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ବିଶିଷ୍ଟ ଅତିଥିଭାବେ କଟକ ଜିଲ୍ଲାପରିଷଦ ସଭାପତି କଟକ କିଶୋର ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ବିଜେଡି ଯୁବ ସଭାପତି ନିର୍ମଳ ଜେନା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ, ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ଦାସ, ସରପଞ୍ଚ ସଙ୍ଗୀତା ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରୀ ଅଭିଳାଷ ସାହୁ ପରିଚାଳନା କରିଥିବା ବେଳେ ଲାଇନରେ ବିକ୍ରମ ନାୟକ, ସୁଜିତ ମଲ୍ଲିକ, ସୁଶୀଲ ବେହେରା ସହଯୋଗ କରିଥିଲେ।

# ଚୌଦ୍ୱାର କଲେଜରୁ ଚୋରି ଅଭିଯୋଗ

ଚୌଦ୍ୱାର,୨।୨(ସମିସ): ଚୌଦ୍ୱାର କଲେଜ ପରିସରରୁ ଲଗାତାର ଭାବେ ଚୋରି ହେଉଥିବା ଏବଂ ଏହାର ମହିଳା ହଷ୍ଟେଲ, ପୁରୁଣା ଲାଇବ୍ରେରୀ ଓ ବଟାନୀ ଲ୍ୟାବ୍‌ରେ ଚୋରମାନେ ପଶି ବ୍ୟାପକ ଭଙ୍ଗାରୁଜା କରିଥିବା ଓ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କଲେଜ ପ୍ରଶାସନର ସୂଚନା ଅନୁଯାୟୀ କଲେଜର ଏକ ଟିମ୍ କଲେଜ ପରିସରରେ ଥିବା ମହିଳା ହଷ୍ଟେଲ ନିରୀକ୍ଷଣ କରିବା ସମୟରେ ହଷ୍ଟେଲରୁ ବହୁ ସାମଗ୍ରୀ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଅସାମାଜିକ ବ୍ୟକ୍ତିମାନେ ହଷ୍ଟେଲ ଭିତରେ ପଶି ବିଦ୍ୟୁତ ତାର, ସିଲିଂ ଫ୍ୟାନ୍, ୱାସ୍ ବେସିନ୍, ଲୁହାଗ୍ରୀଲ ଆଦି ସମେତ ବହୁ ମୂଲ୍ୟବାନ ସାମଗ୍ରୀ ଚୋରେଇ ନେଇଛନ୍ତି। ଏ ନେଇ ଚୌଦ୍ୱାର ଥନାରେ ଏତଲା ଦିଆଯିବା ସହିତ କଲେଜ ଆଖପାଖରେ ଆଡ୍ଡା ଜମାଉଥିବା ଅସାମାଜିକଙ୍କୁ ଧରିବା ପାଇଁ ନିବେଦନ କରାଯାଇଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମହିଳା ହଷ୍ଟେଲ, ଲାଇବ୍ରେରୀ ଆଦିରୁ ହୋଇଥିବା ଚୋରି ନେଇ କଲେଜ ତରଫରୁ ଥାନାରେ ଅଭିଯୋଗ କରାଯାଇଥିଲେ ହେଁ ପୁଲିସ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ କଲେଜରୁ ବାରମ୍ବାର ଚୋରି ହେଉଛି ବୋଲି କଲେଜ ତରଫରୁ ଅଭିଯୋଗ କରାଯାଇଛି। ଚୋର ଓ ଅସାମାଜିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ କଲେଜ କର୍ତ୍ତୃପକ୍ଷ ତଥା ଅଞ୍ଚଳବାସୀଙ୍କ ତରଫରୁ ଦାବି କରାଯାଇଛି।

# ମହାନଦୀରେ ବୁଡ଼ି ଯୁବକ ମୃତ

ଚୌଦ୍ୱାର,୨।୨(ସମିସ): ମହାନଦୀରେ ବୁଡ଼ି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କଖଡ଼ି ଘାଟକୂଳ ବଜାର ସାହିରେ ନିଜ ମାମୁଁଘରେ ରହି ପାଠ ପଢୁଥିବା ସାଲେପୁର କୁକୁଡ଼ାଙ୍ଗ ଗ୍ରାମର ବିଶ୍ୱରଞ୍ଜନ ବେହେରା (୧୯)। ସୂଚନା ଅନୁଯାୟୀ ବିଶ୍ୱରଞ୍ଜନ ଅନ୍ୟ ପିଲାମାନଙ୍କ ସହିତ ସୋମବାର ସକାଳେ ଘାଟକୂଳ ନିକଟରେ ମହାନଦୀରେ ଗାଧାଉଥିବାବେଳେ ହଠାତ୍ ନଦୀ ସୁଅରେ ବୁଡ଼ି ଯାଇଥିଲା। ସ୍ଥାନୀୟ ଲୋକେ ବହୁ ସମୟ ଖୋଜାଖୋଜି କରି ନଦୀ ଭିତରୁ ବିଶ୍ୱରଞ୍ଜନଙ୍କ ଶବକୁ ଉଦ୍ଧାର କରିଥିଲେ। ଖବର ପାଇ ଟିପିଏମ୍ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଇଛନ୍ତି। ଏ ସମ୍ପର୍କରେ ଚୌଦ୍ୱାର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତାଙ୍କ ଅକାଳ ମୃତ୍ୟୁରେ କଖଡ଼ି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର; ୧୭୫ ଅଭିଯୋଗ ପଞ୍ଜିକୃତ



ନିଶ୍ଚିନ୍ତକୋଇଲି,୨।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କୋଲଣପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଦିନ ପୂର୍ବାହ୍ନରେ ପଞ୍ଚାୟତସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି। ଏହି ଜନଶୁଣାଣୀ ଶିବିରରେ କୋଲଣପୁର, କେନ୍ଦୁପାଟଣା, ରାମକୃଷ୍ଣପୁର ପଞ୍ଚାୟତର ଲୋକମାନେ ଆସି ସେମାନଙ୍କର ଅଭିଯୋଗ କରିଛନ୍ତି। ବିଶେଷକରି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା, ୮୦ ବର୍ଷିୟା ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ପାଇ ନ ଥିବା, ରାସ୍ତା ଘାଟ ସମସ୍ୟା, ଅଙ୍ଗନବାଡି ସମସ୍ୟା, ନୂତନ ରେସନକାର୍ଡ ଏବଂ ରେସନକାର୍ଡରେ ନାମ ସଂଯୋଗ କରିବା ସମସ୍ୟା ନେଇ କୋଲଣପୁର ପଞ୍ଚାୟତର ୮୫ଟି ଅଭିଯୋଗ, କେନ୍ଦୁପାଟଣା ପଞ୍ଚାୟତର ୭୦ଟି ଅଭିଯୋଗ ଓ ରାମକୃଷ୍ଣପୁର ପଞ୍ଚାୟତର ୨୦ଟି ଅଭିଯୋଗ ମୋଟ ୧୭୫ଟି ଅଭିଯୋଗ ପଞ୍ଜିକୃତ ହୋଇଛି। କୋଲଣପୁର ପଞ୍ଚାୟତର ସରପଞ୍ଚ ଗୋପବନ୍ଧୁ ସେଠୀ, କେନ୍ଦୁପାଟଣା ପଞ୍ଚାୟତର ସରପଞ୍ଚ ପ୍ରଗତୀପ୍ରଭା ମହାନ୍ତିଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ବିଡିଓ ଦ୍ୱିବେନ୍ଦୁ ଦାସ, ଅତିରିକ୍ତ ତହସିଲଦାର ଅଭୟ ପତିହାରୀ, ଅତିରିକ୍ତ ବିଡିଓ ଅଶୋକ ମହାନ୍ତି, ସହକାରୀ ନିର୍ବାହୀଯନ୍ତ୍ରୀ ନଳିନୀକାନ୍ତ ମହାପାତ୍ର, ଜିପିଓ ମନୋଜ ପଢିହାରୀ, ସିଡିପିଓ ସତ୍ୟଭାମା ବିଶୋଇ, ବ୍ଲକ ଯୋଗାଣ ଅଧିକାରୀ ଦେବୀପ୍ରସାଦ ଦାଶ, ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ପାତ୍ରଙ୍କ ସମେତ ସମସ୍ତ ଅଧିକାରୀମାନେ ଯୋଗଦେଇଥିଲେ। ପଞ୍ଚାୟତ ଏଡିଇଓ ବିଜୟ ମହାନ୍ତି, କୃଷ୍ଣଚନ୍ଦ୍ର କର, ବିଷ୍ଣୁ ଚରଣ ସାହୁ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁପ୍ରଭା ରାଉତରାୟ, ସୌମ୍ୟ ରାୟ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ତିଗିରିଆରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

# ୯୦ରୁ ୨୭ ଅଭିଯୋଗର ତତ୍କାଳ ସମାଧାନ

ତିଗିରିଆ,୨।୨(ସମିସ):



ତିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର କଟକ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ ଏହି ଶିବିରରେ ଉପସ୍ଥିତ ରହି ଅଭିଯୋଗକାରୀଙ୍କ ଅଭିଯୋଗର ଶୁଣାଣି କରିଥିଲେ। ବ୍ଲକ ଉନ୍ନୟନ ଅଧିକାରିଣୀ ମନସ୍ୱିନୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦାସଙ୍କ ସମେତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକ, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରୱାଲ, ସିଡିଏମଓ ଡ. ପ୍ରଶାନ୍ତ ହୋତା, ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ତହସିଲଦାର ଅକ୍ଷୟ ପରିଡା, ଏସଡିପିଓ ବିଶ୍ୱଜିତ ମହାନ୍ତି, ତିଗିରିଆ ଥାନା ଅଧିକାରୀ ଇପ୍ସିତା ପ୍ରିୟଦର୍ଶିନୀ, ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ମୋଟ ୯୦ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୬୪ଟି ଅଭିଯୋଗ ବ୍ୟକ୍ତିଗତ ଓ ୨୬ଟି ଅଭିଯୋଗ ସାମୁହିକ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଅଧିକାଂଶ ଅଭିଯୋଗ ଭତ୍ତା, ରାସନ କାର୍ଡ, ଆବାସ ଯୋଜନାରେ ଘର ପ୍ରଦାନ ଆଦି ରହିଥିବାର ସୂଚନା ମିଳିଛି। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ଗଦାଧରପୁର ପଞ୍ଚାୟତ ଅନ୍ତର୍ଗତ କଳିବିରି ଗ୍ରାମର ପ୍ରଭାତି ବେହେରା ନାମକ ଜୈନିକ ମହିଳା ରାସନ କାର୍ଡ ଖଣ୍ଡିଏ ପାଇଁ ବାରମ୍ବାର ଆବେଦନ କରି ନିରାଶ ହେବା ପରେ ଆଜି ନିଜ ସ୍ୱାମୀଙ୍କ ସହ ଏହି ଜନଶୁଣାଣି ଶିବିରକୁ ଆସି ଉପସ୍ଥିତ ଅଧିକାରୀଙ୍କୁ ରାସନ କାର୍ଡ ଦିଅନ୍ତୁ କିମ୍ବା ବିଷ ଟିକିଏ ଦେଇଦିଅନ୍ତୁ ବୋଲି କହିବା ଚର୍ଚ୍ଚାକୁ ଆସିଛନ୍ତି। ସେହିପରି ସାମୁହିକ ଅଭିଯୋଗ ମଧ୍ୟରେ ଅଧିକାଂଶ ଅଭିଯୋଗ ତିଗିରିଆ ଅଞ୍ଚଳର ବିଭିନ୍ନ ଖଣିରୁ ଲୁଟ ଓ ଏଥିନେଇ ସ୍ଥାନୀୟ ଜନସାଧାରଣ ଭୋଗୁଥିବା ସମସ୍ୟା ଉପରେ ରହିଥିବା ସୂଚନା ମିଳିଛି। ୧୪ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସୋମପଡା ସରପଞ୍ଚ ପ୍ରଶାନ୍ତ ରାଉତ, ବିନ୍ଧାଣିମା ସରପଞ୍ଚ ପ୍ରତିନିଧି ମାନସ ରଞ୍ଜନ ଜେନା ପ୍ରମୁଖ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ ବ୍ଲକର ଭେଜିଆ ଓ ବାଲିପୁଟ ଅଞ୍ଚଳରେ ଥିବା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଚାଲିଥିବା ବେଆଇନ ଖଣି ଖନନ, ବେଆଇନ ବିସ୍ଫୋରଣ ଦ୍ୱାରା ପଥର ଗୁଣ୍ଡ କରିବା ଫଳରେ ଅଞ୍ଚଳର ବାୟୁ ପ୍ରଦୂଷଣ ହେବା ସହ ଜନସାଧାରଣଙ୍କ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହିତ ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଜନସାଧାରଣ ମାରାତ୍ମକ କୀଡନି, ଯକ୍ଷ୍ମା, ଜଣ୍ଡିସ ପରି ରୋଗରେ ପୀଡ଼ିତ ହେବା ତଥା ଖଣି ପାଇଁ ବିନ୍ଧାଣିମା ରାଜସ୍ୱ ମୌଜାର ଉର୍ବର ଜମି, ବାଡ଼ି, ବଗିଚାରେ ପଥର ଗୁଣ୍ଡ ଉଡି ଓ ଧୂଳି ଉଡି ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେଉଛି ବୋଲି ଅଭିଯୋଗ କରିଛନ୍ତି। ସେହିପରି ଖଣି ଅଞ୍ଚଳରୁ ଦୈନିକ ଶହ ଶହ ଭାରିଯାନ ଚିପ୍ସ, ମେଟାଲ ଓଭର ଲୋଡିଂ କରି ରାଜ୍ୟ ତଥା ରାଜ୍ୟ ବାହାରକୁ ଯାଉଥିବାରୁ ଅଞ୍ଚଳର ରାସ୍ତାରେ ପଥର ଗୁଣ୍ଡ, ଚିପ୍ସ ପଡି ଦୁର୍ଘଟଣା ଘଟିବା, ବହୁ ସଂଖ୍ୟକ ଗାଡି ଯାତାୟାତ ଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ଓ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା କାରଣରୁ ଦୁର୍ଘଟଣାରେ ଧନଜୀବନ କ୍ଷୟକ୍ଷତି ହେଉଥିବା ଅଭିଯୋଗ କରିଛନ୍ତି। ସରକାର ଏ ଦିଗରେ ଆଶୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଜନସାଧାଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି। ଶିବିରରେ ପାଞ୍ଚଗାଁ ପଞ୍ଚାୟତ ସରପଞ୍ଚ ନିରଞ୍ଜନ ଦଳେଇଙ୍କ ସମେତ ଅନ୍ୟାନ୍ୟ ଜନ ପ୍ରତିନିଧିମାନେ ବ୍ଲକରେ ଗତ ଦୁଇବର୍ଷ ଧରି ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇ ନ ଥିବାରୁ ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ ପାଇଁ ଦାବି କରିଥିଲେ। ତିଗିରିଆ ବ୍ଲକ ଦେଇ ଯାଇଥିବା ୬୫ନଂ ରାଜ୍ୟ ରାଜପଥର ନୂତନ ପିଚୁ କାର୍ଯ୍ୟ ଚାଲିଥିବା ବେଳେ କାର୍ଯ୍ୟାଦେଶ ପାଇଥିବା ଠିକାଦାର ସଂସ୍ଥା ପକ୍ଷରୁ କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବା ଓ କାର୍ଯ୍ୟ ସମୟରେ କୌଣସି ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନ ଥିବାରୁ ଏହାକୁ ନେଇ ଜନ ପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ବ୍ଲକର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ, ସ୍ଥାନୀୟ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

